# ଅ ଆ କ କ୍ଷ...

‘ମୋ ସ୍କୁଲ’ ହାଲଚାଲ

‘ମୋ ସ୍କୁଲ’ ଅଭିଯାନ ସୂଚନାପତ୍ର ॥ ୩୦ ଜୁନ୍ ୨୦୨୦



“କରୋନାର ଲଢ଼େଇ ଏକ ଲମ୍ବା ଲଢ଼େଇ । ବର୍ତ୍ତମାନ ସମୟରେ ଆମ ଦାୟିତ୍ୱବୋଧ ଏବଂ ଏକତା ସମଗ୍ର ବିଶ୍ୱକୁ ଦେଖାଇବାକୁ ପଡ଼ିବ ।”

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ

‘ମୋ ସ୍କୁଲ’ ଆପ୍

SCAN ME — Android

SCAN ME — iOS

| ଲକ୍ଷ୍ୟ: | ସହଯୋଗ ପାଇଥିବା ସ୍କୁଲ: | ପ୍ରୋଜେକ୍ଟ ସଂଖ୍ୟା: | ସହଯୋଗ ଦେଇଛନ୍ତି: | ଉପକୃତ ଛାତ୍ରଛାତ୍ରୀ: |
|---|---|---|---|---|
| ୫୭,୮୧୬ ସ୍କୁଲ | ୧୦,୮୮୫ | ୧୪,୯୧୬ | ୧,୭୦,୨୩୨ | ୧୬,୮୯,୯୫୧ |

www.moschool.in   MoSchoolOdisha

**ବିଶେଷ ସୂଚନା:** ପୃଷ୍ଠା ୭ର କୋଭିଡ୍ ସେଣ୍ଟର ଫଟୋ ବ୍ୟତୀତ ସମସ୍ତ ଫଟୋ ଲକ୍‌ଡାଉନ୍ ପୂର୍ବର । ସୂଚିତ ଥାଉ, କୋଭିଡ୍ -୧୯ର ପ୍ରତ୍ୟେକ ସରକାରୀ ନିୟମାବଳୀକୁ ‘ମୋ ସ୍କୁଲ’ର ସମସ୍ତ କର୍ମଚାରୀ ଓ ସହଯୋଗୀ ସମ୍ପୂର୍ଣ୍ଣ ଭାବରେ ପାଳନ କରୁଛନ୍ତି ।

# ମୋ' ବସ୍ତାନିରୁ

**ସୁସ୍ମିତା ବାଗ୍‌ଚୀ**



ଛୋଟ ଭୂତାଣୁ । ଏତେ ଛୋଟ ଯେ ଖାଲି ଆଖିରେ ଦେଖିବା ସମ୍ଭବପର ନୁହଁ । ଅଥଚ ମାତ୍ର କେଇଟା ମାସ ଭିତରେ ଏଇ ଛୋଟ ଭୂତାଣୁଟି ଆମର ପରିଚିତ ପୃଥିବୀକୁ ବଦଳେଇ ଦେଲା । ଭୂତାଣୁଟିର ନାଁ କରୋନା । ସନ୍ତର୍ପଣରେ ଆକ୍ରମଣ କରେ ଏଇ କରୋନା । କିନ୍ତୁ ଥରେ ମଣିଷ ଶରୀର ଭିତରେ ପଶିଯିବା ପରେ ଖୁବ୍ ଶୀଘ୍ର ତା'ର ସଂଖ୍ୟା ବୃଦ୍ଧି ହୋଇଚାଲେ । ଶରୀର ଭିତରେ ବିସ୍ଫୋରଣ ହୋଇଯାଏ ଯେମିତି । ମଣିଷଟି ରୋଗଗ୍ରସ୍ତ ହୋଇଯାଏ ।

ରୋଗଟିର ନାଁ କୋଭିଡ୍ -୧୯ । ଯାହାର ପ୍ରତିଷେଧକ ନାହିଁ, କେବଳ ପ୍ରତିରୋଧକ ଅଛି । ଏହି ପ୍ରତିରୋଧକ ମଧ୍ୟରୁ ଗୋଟିଏ ହେଲା ସଙ୍ଗରୋଧ । ଅର୍ଥାତ୍ ଇଂରାଜୀରେ ଯାହାକୁ କୁହାଯାଏ କ୍ୱାରାଣ୍ଟାଇନ୍ । ଏହାକୁ ଲାଗୁ କରିବା ପାଇଁ ସ୍କୁଲ, କଲେଜ, ଅଫିସଗୁଡ଼ିକୁ ବନ୍ଦ କରିଦିଆଗଲା । ସମସ୍ତଙ୍କୁ ଅନୁରୋଧ କରାଗଲା ଯେ ଆବଶ୍ୟକ ନ ହେଲେ ଘରର ସୁରକ୍ଷିତ ବଳୟ ବାହାରେ ପାଦ ନ ରଖିବାକୁ ।

କିନ୍ତୁ ଶିକ୍ଷାନୁଷ୍ଠାନ ବନ୍ଦ ହେବାର ଅର୍ଥ ନୁହଁ ଶିକ୍ଷାଦାନ ବନ୍ଦ । ବିଶେଷଜ୍ଞମାନଙ୍କ ମତରେ କୋଭିଡ୍ - ୧୯ର ପ୍ରକୋପ କମିଗଲେ ମଧ୍ୟ ସବୁଦିନ ପାଇଁ ଚାଲିଯିବ ନାହିଁ । ଅର୍ଥାତ, ଆମକୁ ଆମ ଜୀବନର ପଦ୍ଧତି ବଦଳାଇବାକୁ ହେବ । ଶିକ୍ଷା ବ୍ୟବସ୍ଥାରେ କିଛିଟା ପରିବର୍ତ୍ତନ ଆଣିବାକୁ ହେବ । ପୃଥିବୀର ଉନ୍ନତ ଦେଶମାନଙ୍କର ଉଦାହରଣ ନେବା । ସେଇ ଦେଶମାନଙ୍କରେ କୋଭିଡ୍ -୧୯ର ଲକ୍ ଡାଉନରେ ମଧ୍ୟ ଶିକ୍ଷା ବ୍ୟବସ୍ଥା ଅଚଳ ହୋଇନାହିଁ । ଅନଲାଇନ୍ କ୍ଲାସ, ଟ୍ୟୁଟୋରିଆଲ୍ - ଏସବୁ ମାଧ୍ୟମରେ ସ୍କୁଲ, କଲେଜର ପାଠପଢ଼ା ଚାଲିଛି ।

ଟେକ୍ନୋଲୋଜିର ସାହାଯ୍ୟ ନେଇ ଭାରତରେ ଏଭଳି ପରିବର୍ତ୍ତନ ଆଣିବାର ଆଲୋଚନା ଏବେ ଆରମ୍ଭ ହୋଇଗଲାଣି । ଶିକ୍ଷାଭିତ୍ତିକ ଟେଲିଭିଜନ୍ ଚ୍ୟାନେଲ, ବିଭିନ୍ନ ଅନଲାଇନ୍ ଆପ୍ ହୁଏତ ଖୁବ୍ ଶୀଘ୍ର ଆମ ଶିକ୍ଷାପଦ୍ଧତିର ଗୋଟିଏ ଗୋଟିଏ ଅଂଗ ହୋଇଯିବ । ଶିକ୍ଷା ସହିତ ଆମକୁ ସାମାଜିକ ଦୂରତା କଥା ମଧ୍ୟ ଚିନ୍ତା କରିବାକୁ ହେବ । ଆମର ଅଧିକାଂଶ ସରକାରୀ ସ୍କୁଲରେ ପିଲାମାନେ ବେଞ୍ଚରେ ପାଖାପାଖି ବସନ୍ତି । ଏବେ ସେଥିରେ ପରିବର୍ତ୍ତନ ଆଣିବାକୁ ହେବ ।

ଏହି ପରିପ୍ରେକ୍ଷୀରେ 'ମୋ ସ୍କୁଲ ଅଭିଯାନ'ର କର୍ତ୍ତବ୍ୟ ଓ ଆବଶ୍ୟକତାକୁ ଅଣଦେଖା କରିହେବ ନାହିଁ । କୋଭିଡ୍ ପରବର୍ତ୍ତୀ ଶିକ୍ଷା ବ୍ୟବସ୍ଥା ଯେପରି ସୁଚାରୁ ରୂପେ ହୋଇପାରିବ, ସେଥିପାଇଁ ଆମକୁ ଅଧିକ ଯତ୍ନବାନ ହେବାକୁ ହେବ । ପୂର୍ବପରି ପୁରାତନ ଛାତ୍ରଛାତ୍ରୀ, ସମାଜ ଓ ସ୍କୁଲମାନଙ୍କ ମଧ୍ୟରେ ସଂଯୋଗ ସୃଷ୍ଟି କରିବାକୁ ହେବ । ସମସ୍ତଙ୍କ ସଂଯୋଗରେ ଶିକ୍ଷାର ଗୋଟିଏ ନୂଆ ଭିତ୍ତିଭୂମି ଗଢ଼ିବାକୁ ହେବ ।

**ଅଧ୍ୟକ୍ଷା, 'ମୋ ସ୍କୁଲ ଅଭିଯାନ'**



ହାତ ଧୋଇବା, ସୁସ୍ଥ ରହିବା

# ରେଙ୍ଗାଲିର ନୂଆ ରମ୍ଭେଲା ନୋଡାଲ୍ ହାଇସ୍କୁଲ ରଚିଲା ନୂଆ କାହାଣୀ

ସମ୍ବଲପୁର ଜିଲ୍ଲା ରେଙ୍ଗାଲିର ନୂଆ ରମ୍ଭେଲା ନୋଡାଲ୍ ହାଇସ୍କୁଲ - 'ମୋ ସ୍କୁଲ ଅଭିଯାନ'ର ଏକ ସଫଳ କାହାଣୀ। ୧୯୬୨ ମସିହାର ସ୍କୁଲ। ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସ୍କୁଲରେ ଏବେ ୫୦୭ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି।

"ସ୍କୁଲର ଉନ୍ନତି ପାଇଁ କିଛି ନା କିଛି କରିବାକୁ ସବୁବେଳେ କଥା ଉଠୁଥିଲା। ହେଲେ ସେଥିରେ ଅଭିଭାବକ ଏବଂ ସ୍ଥାନୀୟ ଲୋକଙ୍କର ବିଶେଷ ଯୋଗଦାନ ରହୁନଥିଲା। 'ମୋ ସ୍କୁଲ ଅଭିଯାନ' ସେହି ନହେବା କାମକୁ ଶେଷରେ ସହଜ କରିଦେଲା," କହନ୍ତି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମାମିନି ସାହୁ।

୨୦୧୮ରେ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ବୈଠକ ବେଳେ ସ୍କୁଲର ବିଭିନ୍ନ ସମସ୍ୟା ସଂପର୍କରେ ପୁରାତନ ଛାତ୍ରଛାତ୍ରୀମାନେ ଅବଗତ ହୋଇଥିଲେ। ଏହାପରେ ସ୍କୁଲର ଉନ୍ନତି ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ସହ ମିଶି ସେମାନେ ଏକ ଯୋଜନା ପ୍ରସ୍ତୁତ କଲେ। ସେଥିପାଇଁ ସେମାନେ ଅର୍ଥ ଏକାଠି କରିବାରେ ମଧ୍ୟ ଲାଗିଗଲେ। ଏଇ ଉଦ୍ୟମ ଫଳରେ ଯେଉଁ ଅର୍ଥ ଆସିଲା ତା' ସହ ସରକାରଙ୍କ ସହଯୋଗ ରାଶି ମିଶିବା ଫଳରେ ସ୍କୁଲର ଅନେକ ଅଭାବ ପୂରଣ ହୋଇପାରିଲା।

ପୁରାତନ ଛାତ୍ରଛାତ୍ରୀମାନଙ୍କ ସହଯୋଗ ଫଳରେ ଆଜି ସ୍କୁଲର ସମସ୍ତ ପିଲା ବେଞ୍ଚ ଓ ଡେସ୍କ



ବ୍ୟବହାର କରୁଛନ୍ତି। ସ୍କୁଲର ମୁଖ୍ୟ ଗେଟ୍, ସ୍କୁଲ ପରିସରରେ ଏକ ପେଣ୍ଡାଲ୍ ଏବଂ ସ୍କୁଲ ମୁହଁରେ ଥିବା ରାସ୍ତା ମଧ୍ୟ ନିର୍ମାଣ କରାଯାଇପାରିଛି।

ପୁରାତନ ଛାତ୍ରଛାତ୍ରୀମାନଙ୍କ ପରେ ପରେ ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀମାନେ ଏକାଠି ହୋଇ କିଛି କିଛି ଅର୍ଥ ଦାନ କରିଛନ୍ତି। ଏହା ସହିତ 'ମୋ ସ୍କୁଲ' ପକ୍ଷରୁ ଦୁଇ ଗୁଣ ଅନୁଦାନ ଆସିବାରୁ ସେଥିରେ ସ୍କୁଲରେ ଶୌଚାଳୟ, ବଗିଚାର ସୌନ୍ଦର୍ଯ୍ୟକରଣ, ସାଇକେଲ ଷ୍ଟାଣ୍ଡ ଏବଂ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ଆଦି ହୋଇପାରିଛି।

ପାଠପଢ଼ାର ଗୁଣାତ୍ମକ ମାନ ପାଇଁ କ୍ରମାଗତ ଭାବରେ ୨ ବର୍ଷ ଧରି ନୂଆ ରମ୍ଭେଲା ନୋଡାଲ୍ ହାଇସ୍କୁଲକୁ ସରକାରଙ୍କ ପକ୍ଷରୁ ମିଳିଛି 'ବେଷ୍ଟ୍ ସ୍କୁଲ' ପୁରସ୍କାର। ଏଥିରେ ଶିକ୍ଷକମାନଙ୍କ ପାଇଁ ମିଳୁଥିବା ପ୍ରୋତ୍ସାହନ ରାଶିରୁ କିଛି ଭାଗ ଶିକ୍ଷକମାନେ ସ୍କୁଲର ବିକାଶ ପାଇଁ ଦାନ କରିବା ଖୁସିର ବିଷୟ।




କରୋନା ଲକ୍ ଡାଉନ୍ ସମୟରେ ସ୍କୁଲର ଶିକ୍ଷକମାନେ ମୋବାଇଲ ଫୋନ ମାଧ୍ୟମରେ ନିୟମିତ କ୍ଲାସ କରି ଶିକ୍ଷାଦାନ ପ୍ରକ୍ରିୟାକୁ ଗତିଶୀଳ ରଖିପାରିଛନ୍ତି। ସକାଳ ୭.୪୫ରୁ ଦିନ ୧୧.୧୫ ପର୍ଯ୍ୟନ୍ତ ହ୍ୱାଟସଆପ୍ ମାଧ୍ୟମରେ ଏହି କ୍ଲାସ ଚାଲେ। କେବେ କେବେ ସଂଧ୍ୟାରେ ମଧ୍ୟ ଏହି ଡିଜିଟାଲ୍ କ୍ଲାସ ହୁଏ।

ନୀତି ଆୟୋଗଙ୍କ ଅନୁଦାନରେ ସ୍କୁଲରେ ମଧ୍ୟ ହୋଇଛି ଏକ ରୋବୋଟିକ୍ସ ଲ୍ୟାବ୍। ଏହି ରୋବୋ ବିଜ୍ଞାନାଗାରରେ ପିଲାମାନେ ବିଭିନ୍ନ ପ୍ରକାର ପ୍ରୋଜେକ୍ଟ କରିପାରୁଛନ୍ତି।

# ପୁରାତନ ଛାତ୍ରଛାତ୍ରୀଙ୍କୁ ନିଜ ସ୍କୁଲ ସହ ପୁଣି ଥରେ ଯୋଡ଼ିଦେଲା 'ମୋ ସ୍କୁଲ ଅଭିଯାନ'



ବିଭୁପ୍ରସାଦ ଆଚାର୍ଯ୍ୟ

"୧୯୭୫ ମସିହାରେ ମୁଁ ଭୁବନେଶ୍ୱରର ୟୁନିଟ୍-୯ ହାଇସ୍କୁଲରୁ ମାଟ୍ରିକ୍ ପାସ୍ କଲି । ସେତେବେଳେ ଆମ ସ୍କୁଲ ଚାରିଟା ଫ୍ଲାଟ୍‌କୁ ମିଶାଇ ଚାଲିଥିଲା । ସେହି ସ୍କୁଲରେ ମୁଁ ପ୍ରାୟ ସାଢ଼େ ତିନି ବର୍ଷ ବିତାଇଥିଲି । ମୁଁ ଆଜି ଯେଉଁଠି ପହଞ୍ଚିଛି ତା' ପଛରେ ରହିଛି ଏହି ସ୍କୁଲ ଏବଂ ସେତେବେଳର ଶିକ୍ଷକଶିକ୍ଷୟିତ୍ରୀଙ୍କର ପ୍ରୋତ୍ସାହନ," ନିଜର ସ୍କୁଲଦିନର ସ୍ମୃତିକୁ ମନେପକାନ୍ତି ବିଭୁପ୍ରସାଦ ଆଚାର୍ଯ୍ୟ ।

ତେଲେଙ୍ଗାନା ସରକାରଙ୍କର ସ୍ୱତନ୍ତ୍ର ମୁଖ୍ୟ ଶାସନ ସଚିବ ପାହ୍ୟାରେ ଅବସ୍ଥାପିତ ଏହି ଓଡ଼ିଆ ଆଇଏଏସ୍ ଅଫିସର ବର୍ତ୍ତମାନ ହାଇଦ୍ରାବାଦ ସ୍ଥିତ ଡକ୍ଟର ଏମ୍ ଚନ୍ନା ରେଡ୍ଡି ହ୍ୟୁମାନ୍ ରିସୋର୍ସ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍‌ର ମହାନିର୍ଦ୍ଦେଶକ ଅଛନ୍ତି ।

୨୦୧୮ ମସିହାର କଥା ମନେପକାଇ ବିଭୁପ୍ରସାଦ କହନ୍ତି, "ଆମ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଇଁ କଥାବାର୍ତ୍ତା ଚାଲିଥିଲା । କିନ୍ତୁ କିଛି ସ୍ଥିର ହୋଇପାରୁ ନଥିଲା । ଏହି ସମୟରେ ଆସିଲା 'ମୋ ସ୍କୁଲ ଅଭିଯାନ' । ପୁରାତନ ଛାତ୍ରଛାତ୍ରୀଙ୍କୁ ନିଜ ସ୍କୁଲ ସହ ଯୋଡ଼ି ସ୍କୁଲର ଭିତ୍ତିଭୂମି ଏବଂ ଶିକ୍ଷାଦାନର ପରିବେଶରେ ଉନ୍ନତି ଆଣିବା ସହ ନୂଆ ପିଢ଼ିକୁ ଉତ୍ସାହ ଯୋଗାଇ ଦେବା ପାଇଁ ଏହା ଥିଲା ଏକ ଅତି ସୁନ୍ଦର କାର୍ଯ୍ୟକ୍ରମ । ତେଣୁ ଆମେ ପୁରାତନ ଛାତ୍ରଛାତ୍ରୀମାନେ ଏକାଠି ହେବା ଲାଗି ଏହା ଯେପରି ବିଶେଷ କ୍ଷେତ୍ର ପ୍ରସ୍ତୁତ କରିଦେଲା ।"

ସଂଯୋଗକ୍ରମେ ୟୁନିଟ୍-୯ର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଥିଲା 'ମୋ ସ୍କୁଲ ଅଭିଯାନ'ର ପ୍ରଥମ ବିଦ୍ୟାଳୟ ଯେଉଁଠି ପୁରାତନ ଛାତ୍ରଛାତ୍ରୀମାନେ ସରକାରଙ୍କୁ ସହଯୋଗ ରାଶି ପ୍ରଦାନ କରିବାକୁ ଆଗେଇ ଆସିଥିଲେ । ସଂଗୃହୀତ ହୋଇଥିଲା ୧୦ ଲକ୍ଷ ଟଙ୍କା । ଏହି ଟଙ୍କାକୁ 'ମୋ ସ୍କୁଲ ଅଭିଯାନ' ଅଧୀନରେ ସ୍କୁଲର ଉନ୍ନତି ପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ହାତରେ ଟେକିଦେଲେ ।

ଏହି ରାଶି ସହ 'ମୋ ସ୍କୁଲ ଅଭିଯାନ'ର ଦୁଇ ଗୁଣା ଅନୁଦାନ ମିଶି ମୋଟ ଅର୍ଥରେ ସ୍କୁଲର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଥିଲା । ସୁବର୍ଣ୍ଣ ଜୟନ୍ତୀ ସମୟରେ ପୁରାତନ ଛାତ୍ରଛାତ୍ରୀଙ୍କଠାରୁ ଆହୁରି ମଧ୍ୟ ଆସିଲା ୬ ଲକ୍ଷ ଟଙ୍କାର ସହଯୋଗ ।



'ମୋ ସ୍କୁଲ ଅଭିଯାନ' ହିଁ ପୁରାତନ ଛାତ୍ରଛାତ୍ରୀଙ୍କ ଉତ୍ସାହକୁ ବହୁଗୁଣିତ କରିଦେଲା । ସେମାନଙ୍କ ଦାନ ଏବଂ ସରକାରଙ୍କ ସହଯୋଗ ଫଳରେ ସ୍କୁଲ ପାଇଁ ଏକ ମିଟିଙ୍ଗ୍ ହଲ୍ ତିଆରି ହୋଇପାରିଲା । ତା' ସାଙ୍ଗକୁ ଖେଳପଡ଼ିଆର ଉନ୍ନତିକରଣ, କମ୍ପ୍ୟୁଟର୍ ଲ୍ୟାବ୍ ଏବଂ ବିଜ୍ଞାନାଗାରର ଆଧୁନିକୀକରଣ ମଧ୍ୟ ସମ୍ଭବ ହେଲା ।

ସ୍କୁଲର ଭିତ୍ତିଭୂମିରେ ଯେଉଁ ଅଭାବ ରହିଥିଲା ତାକୁ ପୂରଣ କରିବା ସହିତ ସ୍କୁଲରେ କିପରି ପିଲାଙ୍କ ସଂଖ୍ୟା ବଢ଼ିବ ସେ ଦିଗରେ ପୁରାତନ ଛାତ୍ରଛାତ୍ରୀମାନେ ଚିନ୍ତା କରିଥିଲେ । ପିଲାଙ୍କ ପାଇଁ ସ୍ୱତନ୍ତ୍ର କୋଚିଂର ବ୍ୟବସ୍ଥା ସହିତ ସଫ୍ଟ ସ୍କିଲ୍ ପାଠ୍ୟକ୍ରମ ବାବଦରେ ମଧ୍ୟ ପ୍ରସ୍ତାବ ଆସିଥିଲା ।

"ମୁଁ ଭାବୁଥିଲି, ସୁବର୍ଣ୍ଣ ଜୟନ୍ତୀ ସରିଗଲେ ପୁଣି ପୁରୁଣା ଛାତ୍ରଛାତ୍ରୀମାନଙ୍କର ଉତ୍ସାହ କମିଯିବ । କିନ୍ତୁ 'ମୋ ସ୍କୁଲ' କାର୍ଯ୍ୟକ୍ରମ ଫଳରେ ସ୍କୁଲ ଓ ସେମାନଙ୍କ ଭିତରେ ନିୟମିତ ସମ୍ପର୍କ ରହିପାରିଛି । ଆଜି ସେମାନେ ବିଭିନ୍ନ ବିଷୟରେ ସ୍କୁଲ ସହ ଯୋଡ଼ି ହୋଇ ସ୍କୁଲର ଭଲମନ୍ଦ ସମ୍ପର୍କ ରେ ଚିନ୍ତା କରିବାକୁ ଆଗେଇ ଆସୁଛନ୍ତି," କହନ୍ତି ବିଭୁପ୍ରସାଦ ।

"ମୁଁ ଚାହୁଁଛି ସ୍କୁଲରେ ଏବେ ପଢୁଥିବା ପିଲାମାନେ ଜୀବନରେ ବଡ଼ ହେବା ପାଇଁ ସ୍ୱପ୍ନ ଦେଖନ୍ତୁ । ଏଥିପାଇଁ ସବୁବେଳେ ସ୍କୁଲରେ ଅନୁକୂଳ ପରିବେଶ ରହିବା ଦରକାର । ଆଉ ଯଦି କୌଣସି ପୁରାତନ ଛାତଛାତ୍ରୀ ଏହି ନୂଆ ପିଢ଼ି ପାଇଁ ପ୍ରେରଣା ହୋଇପାରିଲା ତେବେ ତା'ଠାରୁ ବଡ଼ କଥା କ'ଣ ହୋଇପାରେ," ଏଭଳି ସକାରାତ୍ମକ ଭାବନା ପ୍ରକାଶ କରନ୍ତି ବିଭୁପ୍ରସାଦ ଆଚାର୍ଯ୍ୟ ।

# ଲାଠିପଡ଼ା ନୋଡ଼ାଲ ହାଇସ୍କୁଲ

# ବଗିଚା କହିବ ବିକାଶର କଥା



ନୟାଗଡ଼ ଜିଲ୍ଲାର ଲାଠିପଡ଼ା ନୋଡ଼ାଲ ହାଇସ୍କୁଲ । ଏହାର ପରିସରକୁ ଯେ କେହି ଗଲେ ତାଙ୍କୁ ନିଶ୍ଚିତ ଭାବେ ସ୍କୁଲର ସୁନ୍ଦର ବଗିଚା, ସଜା ହୋଇ ରହିଥିବା ଫୁଲକୁଣ୍ଡ ଏବଂ ଖୋଲା ଆକାଶ ତଳେ ପଡ଼ିଥିବା ରଙ୍ଗବେରଙ୍ଗ ସିମେଣ୍ଟବେଞ୍ଚ ଆକୃଷ୍ଟ କରିବ ।

ସତ କହିଲେ ସ୍କୁଲର ପରିବେଶ ଆଗରୁ ଏମିତି ନଥିଲା । ଏଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫ ଶହରୁ ଅଧିକ ଛାତ୍ରଛାତ୍ରୀ ପଢୁଥିଲେ ସୁଦ୍ଧା ସ୍କୁଲରେ ଥିଲା ଅନେକ ସମସ୍ୟା । ସ୍କୁଲରେ ପ୍ରଧାନଶିକ୍ଷକ ଭାବେ ୨୦୧୭ ସେପ୍ଟେମ୍ବର ମାସରେ ଯୋଗ ଦେଇଥିଲେ ପ୍ରତାପ କିଶୋର ପଟ୍ଟନାୟକ । ସ୍କୁଲର କିପରି ଉନ୍ନତି ହେବ ତା' ନେଇ ଉଦ୍ୟମ ଆରମ୍ଭ କରି ଦେଇଥିଲେ ସେ ।

"ସେତେବେଳେ ଆମ ଆଗରେ ବଡ଼ ସମସ୍ୟା ସାଜିଥିଲା ଅର୍ଥ ଓ ସ୍ଥାନୀୟ ସହଯୋଗ । ଠିକ୍ ସେତିକି ବେଳେ ଆସିଲା 'ମୋ ସ୍କୁଲ ଅଭିଯାନ' । ବାସ୍, ତୁରନ୍ତ କିଛି ପୁରାତନ ଛାତ୍ରଛାତ୍ରୀଙ୍କୁ ଡାକି ଆମେ ବୈଠକ କଲୁ । କିଛି ଦିନ ମଧ୍ୟରେ ୭୫ ହଜାର ଟଙ୍କାର ଦାନ ଯୋଗାଡ଼ ହୋଇଗଲା । 'ମୋ ସ୍କୁଲ୍' ଯୋଜନାରେ ତା'ର ଦୁଇ ଗୁଣା ଟଙ୍କାର ସରକାରୀ ଅନୁଦାନ ମଧ୍ୟ ଆସି ପହଞ୍ଚିଲା । ସେହିଠାରୁ ଆରମ୍ଭ ହେଲା ସ୍କୁଲର ବିଭିନ୍ନ ଉନ୍ନତିମୂଳକ କାମ," କହନ୍ତି ସ୍କୁଲର ପ୍ରଧାନଶିକ୍ଷକ ।

ପିଲାମାନେ ବିଶୁଦ୍ଧ ତଥା ଥଣ୍ଡା ପାଣି ପିଇବାକୁ ୱାଟର ପ୍ୟୁରିଫାୟର ଓ କୁଲର୍ ମେସିନ ଲାଗିଲା । ପରେ ପରେ ସ୍କୁଲର ସଭାଗୃହର ନବୀକରଣ କାମ କରାଗଲା । ଏବେ ସେହି ହଲରେ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ ବସି ସଭାସମିତିର ଆୟୋଜନ କରି ପାରୁଛନ୍ତି । ତା' ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାରେ ସୁବିଧା ଲାଗି ଏକ ମଣ୍ଡପ ନିର୍ମାଣ କରାଗଲା ।



ସ୍କୁଲର ପରିବେଶକୁ ସୁନ୍ଦର କରିବା ପାଇଁ ଏକ ଚମତ୍କାର ବଗିଚା ସୃଷ୍ଟି କରାଯାଇଛି । ୧୫୦ରୁ ଅଧିକ କୁଣ୍ଡରେ ଫୁଲ ଗଛ ଲଗାଯାଇଛି । ପ୍ରତି ପିଲାଙ୍କୁ ଦୁଇଟି କରି ଗଛର ଦାୟିତ୍ୱ ଦିଆଯିବା ଫଳରେ ସେଗୁଡ଼ିକର ରକ୍ଷଣାବେକ୍ଷଣ ସୁନିଶ୍ଚିତ ହୋଇପାରିଛି । ସ୍କୁଲ ପରିସରରେ ରଙ୍ଗବେରଙ୍ଗର ସିମେଣ୍ଟବେଞ୍ଚ ମଧ୍ୟ ପକାଯାଇଛି । ଖାଲି ସମୟରେ ପିଲାମାନେ ଏଥିରେ ବସି ହସଖୁସି କରିବା ସହିତ ପ୍ରକୃତିର ମଜା ନେଉଛନ୍ତି ।

ପିଲାଙ୍କ ପାଇଁ ସ୍କୁଲର ଆଉ ଏକ ଆକର୍ଷଣ ହେଉଛି ୱାଲ୍ ଲାଇବ୍ରେରି ଓ ମ୍ୟୁଜିୟମ୍ । ସେଥିରେ ଭଲ ଭଲ ବହି, ଦେଶ ବିଦେଶର ମୁଦ୍ରା ଏବଂ ବିଭିନ୍ନ ସଂଗ୍ରହଣୀୟ ଜିନିଷ ରଖାଯାଇଛି । ଗାଁ ଗହଳର ପିଲାଙ୍କ ପାଇଁ ତାହା ବିଭିନ୍ନ ବିଷୟରେ ଆଗ୍ରହ ସୃଷ୍ଟି କରିବାରେ ବଡ଼ ସହାୟକ ହୋଇ ପାରିଛି ।

ସ୍କୁଲର ଏହି ନୂଆ ରୂପ ପଛରେ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ଲୋକପ୍ରତିନିଧିଙ୍କ ଅବଦାନ ସହିତ ଶିକ୍ଷକମାନଙ୍କର ଅନେକ ସହଯୋଗ ରହିଛି ।

# କଣିହାଁ ତାଳପଦାର ସଦାନନ୍ଦ ହାଇସ୍କୁଲ ପାଇଲା ନୂତନ ରୂପରେଖ



ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍‌ର ତାଳପଦା। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ୧୯୯୫ ମସିହାରେ ଏଠାରେ ଗଢ଼ି ଉଠିଥିଲା ସଦାନନ୍ଦ ହାଇସ୍କୁଲ। ଦିନେ ସ୍କୁଲରେ ଶୌଚାଳୟଟିଏ ନ ଥିବାରୁ ପିଲାମାନେ ହଇରାଣ ହେଉଥିଲେ। ତା' ସାଙ୍ଗକୁ ସାଇକେଲ୍ ଷ୍ଟାଣ୍ଡ ଓ ଖେଳପଡ଼ିଆ ଭଳି ଆବଶ୍ୟକ ଭିତ୍ତିଭୂମି ମଧ୍ୟ ନଥିଲା।

"ସ୍କୁଲର ଅନେକ ସମସ୍ୟା ରହିଥିଲା। ହେଲେ ପୁରାତନ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଲୋକଙ୍କ ସହଯୋଗରେ ଆଜି ତାହା ଦୂର ହୋଇପାରିଛି। ଏହା ପଛରେ କୁହୁକ ଭଳି କାମ ଦେଇଛି ମୋ ସ୍କୁଲ ଅଭିଯାନ," ହସି ହସି କହନ୍ତି ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପ୍ରଧାନ।

'ମୋ ସ୍କୁଲ ଅଭିଯାନ'ରୁ କିଭଳି ବିଭିନ୍ନ ସ୍କୁଲ ଉପକୃତ ହୋଇପାରିବେ ତା' ନେଇ ଜିଲ୍ଲାସ୍ତରରେ ବୈଠକ ବସିଲା। ପୁରାତନ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ସହ ଯୋଡ଼ି ବିଦ୍ୟାଳୟର ଭିତ୍ତିଭୂମି ଏବଂ ଶିକ୍ଷାର ଧାରାରେ ଉନ୍ନତି ଆଣିବା ଅଭିଯାନର ମୂଳ ଲକ୍ଷ୍ୟ ବୋଲି ସମସ୍ତେ ବୁଝିଲେ। ହେଲେ ପ୍ରଥମେ ପ୍ରଥମେ ଅନେକଙ୍କର ବିଶ୍ୱାସ ହେଲା ନାହିଁ ଯେ ବାସ୍ତବରେ ଏହି ଯୋଜନାରୁ କେତେ ଲାଭ ହେବ।

"ଆମେ ଯେତେବେଳେ ପୁରାତନ ଛାତ୍ରଛାତ୍ରୀଙ୍କର ପ୍ରଥମ ବୈଠକ ଡାକିଲୁ ମାତ୍ର ପାଞ୍ଚ ଛଅ ଜଣ ଆସିଲେ। ହେଲେ ସେଥିରେ ନିରାଶ ନ ହୋଇ ମୁଁ ଏବଂ ମୋର ସାଥୀ ଶିକ୍ଷକମାନେ ପଞ୍ଚାୟତରେ ବୁଲି ବୁଲି ଲୋକଙ୍କୁ କହିଲୁ। ପୁରାତନ ଛାତ୍ରଛାତ୍ରୀଙ୍କର ଫୋନ୍ ନମ୍ବର ଆଣି ସେମାନଙ୍କ ସହ ଯୋଗାଯୋଗ କଲୁ। ଫଳରେ ପର ବୈଠକକୁ ୬୦ରୁ ୭୦ ଜଣ ଆସିଲେ," ସୂଚନା ଦିଅନ୍ତି ପ୍ରଧାନ ଶିକ୍ଷକ।

ସ୍କୁଲରେ ମୋଟ ୧୩୫ ଜଣ ଛାତ୍ରଛାତ୍ରୀ ଅଛନ୍ତି। ଏ ଭିତରେ ସ୍କୁଲରୁ ୨୨ଟି ବ୍ୟାଚ୍ ବାହାରିଲେଣି। ବ୍ଲକ୍‌ରେ ଏକ ଭଲ ସ୍କୁଲ ଭାବେ ନାଁ କରିଥିବାରୁ ଏଠାରେ କିଛି ବର୍ଷ ହେଲା ମାଟ୍ରିକ୍ ପରୀକ୍ଷା ପାଇଁ ସେଣ୍ଟର ହୋଇଆସୁଛି।

ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧ ଲକ୍ଷ ଟଙ୍କା ଯୋଗାଡ଼ ହେଲା। ପୁଣି ମୋ ସ୍କୁଲରୁ ଆସିଲା ୨ ଲକ୍ଷ ଟଙ୍କାର ଅନୁଦାନ। ଏହି ଟଙ୍କାରେ ସ୍କୁଲରେ ଏକ ଶୌଚାଳୟ ଏବଂ ସାଇକେଲ୍ ଷ୍ଟାଣ୍ଡ କରାଗଲା। ଗୋଟିଏ ଅଭାବ ପୂରଣ ହେବା ଫଳରେ ଆଉ ଗୋଟିଏ ଅଭାବ ପୂରଣ ପାଇଁ ସମସ୍ତଙ୍କ ମନରେ ଉତ୍ସାହ ଆସିଲା। ଫଳରେ ପଛକୁ ପଛ ପୁରାତନ ଛାତ୍ରଛାତ୍ରୀଙ୍କଠାରୁ ଅଧିକ ପରିମାଣରେ ସହଯୋଗ ରାଶି ଆସିଲା। ତା'ସାଙ୍ଗକୁ ସରକାରୀ ଅନୁଦାନ। ଏସବୁ ମିଶିଯିବା ଫଳରେ ସ୍କୁଲରେ ଛାତ୍ରଛାତ୍ରୀଙ୍କ ପାଇଁ ବେଞ୍ଚ ଓ ଡେସ୍କ ତିଆରି, ମୁଖ୍ୟ ଗେଟ୍ ନିର୍ମାଣ ଓ ଖେଳପଡ଼ିଆର ବିକାଶ ଭଳି କାମ ହୋଇପାରିଲା।

"କରୋନା ଲକ୍‌ଡାଉନ୍ ପୂର୍ବରୁ 'ମୋ ସ୍କୁଲ' ଯୋଜନାରେ କେତୋଟି ଶ୍ରେଣୀଗୃହ ନିର୍ମାଣ ଏବଂ ଖେଳପଡ଼ିଆର ଉନ୍ନତିକରଣ ପାଇଁ ଆମେ ପ୍ରସ୍ତାବ ଦେଇଥିଲୁ। ଆମ ସ୍କୁଲରେ ପଞ୍ଚାୟତ ପକ୍ଷରୁ କ୍ୱାରେଣ୍ଟାଇନ୍ ସେଣ୍ଟର କରାଯାଇଛି। ଏଥିପାଇଁ ପ୍ରଶାସନ ଆମର ପୁରୁଣା ଟାଇଲ୍ ଛପର ଘରକୁ ଭାଙ୍ଗି ଯୁଦ୍ଧକାଳୀନ ଭିତ୍ତିରେ ଆଜବେଷ୍ଟସ୍ ଘର କରିଦେଇଛନ୍ତି। ତେଣୁ ଆମ ପାଖରେ ଥିବା ଟଙ୍କାରେ ଏବେ କ୍ଲାସରୁମ୍ ପାଇଁ ଆମେ ଦୁଇ ବଖରା କଂକ୍ରିଟ୍ ଛାତଘର କରିବାକୁ ଚିନ୍ତା କରିଛୁ," କହନ୍ତି ପ୍ରଧାନ ଶିକ୍ଷକ।

ସ୍କୁଲର ହଷ୍ଟେଲରେ ପ୍ରାୟ ୪୦ଜଣ ପିଲାଙ୍କ ପାଇଁ ବ୍ୟବସ୍ଥା ରହିଛି। ପାଠପଢ଼ା ସହ ସ୍କୁଲର ଛାତ୍ରଛାତ୍ରୀମାନେ ନିୟମିତ କବାଡ଼ି, ଖୋଖୋ ଏବଂ ଅନ୍ୟ ଖେଳ ଅଭ୍ୟାସ କରୁଛନ୍ତି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସ୍କୁଲ ମଧ୍ୟ ଅତୀତରେ ସଫଳତା ହାସଲ କରିଛି।







'ମୋ ସ୍କୁଲ ଅଭିଯାନ'– ସଫଳତାର ଆଉ କେତୋଟି ଚିତ୍ର

## ନୂଆପଡ଼ାରେ 'ମୋ ସ୍କୁଲ ଅଭିଯାନ'ର ସଫଳ ଚିତ୍ର

# ପଞ୍ଚାୟତ ହାଇସ୍କୁଲ, ଗୋଡ଼ାଲ




ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍‌ର ଗୋଡ଼ାଲ୍ ପଞ୍ଚାୟତ । ୧୯୯୦ ମସିହାରେ ଏଇଠି ଗଢ଼ି ଉଠିଥିଲା ପଞ୍ଚାୟତ ହାଇସ୍କୁଲ । ଏହାର ନବମ ଓ ଦଶମ ଶ୍ରେଣୀରେ ବର୍ତ୍ତମାନ ସ୍କୁଲରେ ପଢ଼ୁଛନ୍ତି ୧୩୨ ଜଣ ଛାତ୍ରଛାତ୍ରୀ । ସେମାନଙ୍କ ମଧ୍ୟରୁ ୬୦ଜଣ ଛାତ୍ର ସେଠାରେ ଥିବା ଅନୁସୂଚିତ ଜାତି ଓ ଜନଜାତିର ହଷ୍ଟେଲରେ ରହୁଛନ୍ତି । ନୂଆପଡ଼ା ଜିଲ୍ଲାରେ 'ମୋ ସ୍କୁଲ ଅଭିଯାନ'ର ସଫଳତାର କଥା ଉଠିଲେ ଏଇ ସ୍କୁଲର ନାଁ ସବୁବେଳେ ଚର୍ଚ୍ଚାକୁ ଆସେ ।

"ସ୍କୁଲର ଆଜି ଯେଉଁ ବିକାଶ ହୋଇପାରିଛି ଏହା ପଛରେ ରହିଛି ସ୍ଥାନୀୟ ଲୋକ, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ ଏବଂ ପ୍ରଶାସନର ସହଯୋଗ । ତେବେ, ଆଗରୁ ଯାହା ବର୍ଷ ବର୍ଷ ଧରି ସମ୍ଭବ ହେଉ ନଥିଲା, 'ମୋ ସ୍କୁଲ ଅଭିଯାନ' ଫଳରେ ତାହା କମ୍ ସମୟ ମଧ୍ୟରେ ହୋଇ ପାରିଲା," କହିଛନ୍ତି ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଯୋଶୀ ।

ନବମ ଶ୍ରେଣୀରେ ଜାତୀୟ ମେଧାବୃତ୍ତି ହେଉ କି ଦଶମ ଶ୍ରେଣୀରେ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି, ସବୁଥିରେ ସ୍କୁଲ ସଫଳତା ହାସଲ କରିଆସିଛି । ସେହିପରି, ସ୍ୱତନ୍ତ୍ର ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ କରି ସ୍କୁଲର ଜଣେ ଛାତ୍ର ଜିଲ୍ଲା ସ୍ତରରେ 'ଇନସ୍ପେୟାର ଆୱାର୍ଡ' ପାଇଛନ୍ତି ।

"ଯଦି ଆର୍ଥିକ ସହଯୋଗ କଥା ବିଚାର କରିବା ତେବେ ଆମକୁ ଜଣେ ଜଣେ ବ୍ୟକ୍ତିଙ୍କଠାରୁ ୧୧ ଟଙ୍କାରୁ ଆରମ୍ଭକରି ୨୮ହଜାର ଟଙ୍କା ପର୍ଯ୍ୟନ୍ତ ମିଳିଛି । ଆମ ଗାଁର ଏମିତି ଗୋଟିଏ ଘର ନାହିଁ ଯିଏ ସହଯୋଗ ଦେଇ ନାହିଁ । ତେବେ ଟଙ୍କା ପଇସା ଅପେକ୍ଷା ଲୋକଙ୍କ ଆନ୍ତରିକତା ଆଜି ସ୍କୁଲ ପାଇଁ ବଡ଼ ସଂପଦ ହୋଇଛି," ସବୁବର୍ଗର ଦାତାଙ୍କୁ କୃତଜ୍ଞତା ଜଣାଇବାକୁ ଯାଇ ଏକଥା କହିଛନ୍ତି ପ୍ରଧାନଶିକ୍ଷକ ।

'ମୋ ସ୍କୁଲ ଅଭିଯାନ' ଅଧୀନରେ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ତଥା ସ୍ଥାନୀୟ ଲୋକ ଦେଇଥିବା ସହଯୋଗ ସାଙ୍ଗକୁ ସରକାରଙ୍କ ଅନୁଦାନ ମିଶିଯିବା ଫଳରେ ଯାହା ଯାହା ହୋଇପାରିଛି ତା' ହେଲା ସ୍କୁଲର ମୁଖ୍ୟ ଗେଟ୍, ଷ୍ଟାଫ୍ କମନ୍‌ରୁମ୍ ଓ କ୍ଲାସରୁମ୍‌ର ନବୀକରଣ, ପାଠାଗାର, ବିଜ୍ଞାନଗାର, ସାଇକେଲ ଷ୍ଟାଣ୍ଡ, ବିଦ୍ୟାଳୟ ଏବଂ ହଷ୍ଟେଲରେ ସିସିଟିଭି ସଂଯୋଗ, ଏଲସିଡି ଟିଭି, କଂପ୍ୟୁଟର ଏବଂ ପ୍ରିଣ୍ଟର୍ ଇତ୍ୟାଦି ।

କରୋନା ସଂକ୍ରମଣ ରୋକିବା ଲାଗି ସରକାର ପ୍ରତି ପଞ୍ଚାୟତରେ କ୍ୱାରେଣ୍ଟାଇନ୍ ସେଣ୍ଟର ଖୋଲଛନ୍ତି । ସିନାପାଲି ବ୍ଲକ୍‌ରେ ପଞ୍ଚାୟତ ହାଇସ୍କୁଲ ଗୋଡ଼ାଲ୍ ଗୋଟିଏ କ୍ୱାରେଣ୍ଟାଇନ୍ ସେଣ୍ଟର । ଏଠାରେ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ମହାରାଷ୍ଟ୍ରରୁ ଫେରିଥିବା ୨୦୦ରୁ ଅଧିକ ପୁରୁଷ, ମହିଳା ଏବଂ ସେମାନଙ୍କ ପିଲାମାନେ ସଂଗରୋଧ ରେ ରହିପାରିଛନ୍ତି । ସ୍କୁଲର ପୂର୍ଣ୍ଣାଙ୍ଗ ଭିତ୍ତିଭୂମି ଓ ସୁନ୍ଦର ବଗିଚା ଏହି ଜଟିଳ ସମୟରେ ପାଲଟିଛି ଯେପରି ଏକ ବରଦାନ ।

ଲକ୍‌ଡାଉନ୍ ସମୟରେ ମୋବାଇଲ୍ ଫୋନ୍ ଏବଂ ଅନ୍‌ଲାଇନ୍ ମାଧ୍ୟମକୁ ଆଧାରକରି ପାଠପଢ଼ା ଜାରି ରଖିବା ଫଳରେ ସବୁ ମହଲରୁ ପ୍ରଶଂସା ପାଇପାରିଛି ଏହି ସ୍କୁଲ ।



ଭାରତ ସ୍କାଉଟସ୍ ଓ ଗାଇଡସ୍ ତରଫରୁ ସଂଗରୋଧ କେନ୍ଦ୍ରରେ ମାସ୍କ ବଣ୍ଟନ

### ଢେଙ୍କାନାଳ ଜିଲ୍ଲାର ସୋଗରେଶ୍ୱର ବିଦ୍ୟା ନିକେତନ

# ପୁରାତନ ଛାତ୍ରମାନେ ସ୍କୁଲ ପରିବେଶରେ ଭରିଦେଇଛନ୍ତି ନୂଆ ରଙ୍ଗ ଓ ନୂଆ ଉତ୍ସାହ



୧୯୮୦ ମସିହାର କଥା । ଗାଁ ଲୋକେ ଏକାଠି ହୋଇ ହାଇସ୍କୁଲଟିଏ ପ୍ରତିଷ୍ଠା କଲେ । ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗରରେ ଗଢ଼ିଉଠିଲା ସୋଗରେଶ୍ୱର ବିଦ୍ୟାନିକେତନ । ୧୯୯୪ ମସିହାରେ ସରକାର ଏହାକୁ ହାତକୁ ନେଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତତ୍ତ୍ୱାବଧାନରେ ସ୍କୁଲ ଚାଲିଲା । ଶିକ୍ଷା ଓ ବିକାଶର ସୂତ୍ରଧର ପାଲଟିଥିଲା ଏହି ସ୍କୁଲ୍ ।

ଏ ବର୍ଷ ସ୍କୁଲରେ ନବମ ଏବଂ ଦଶମ ଶ୍ରେଣୀରେ ୧୭୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ପୂର୍ବରୁ ସ୍କୁଲରେ ଯଥେଷ୍ଟ ଶ୍ରେଣୀ ଗୃହ ନଥିଲା କିମ୍ବା ପିଲା ମଧ୍ୟ ବସିବା ପାଇଁ ଯଥେଷ୍ଟ ଡେସ୍କବେଞ୍ଚ ମଧ୍ୟ ନଥିଲା । ପିଇବା ପାଣି ଓ ଶୌଚାଳୟରେ ପାଣି ସମସ୍ୟା ମଧ୍ୟ ଥିଲା ।

ଏହି ସମସ୍ୟାର ସମାଧାନ କରିବା ପାଇଁ ବରଦାନ ପାଲଟିଛି 'ମୋ ସ୍କୁଲ ଅଭିଯାନ'



କାର୍ଯ୍ୟକ୍ରମ । ପ୍ରାୟ ୨୩ ଜଣ ପୁରାତନ ଛାତ୍ରଛାତ୍ରୀ ଏକାଠି ହୋଇଥିଲେ ଏବଂ ଏହି ସମସ୍ୟାର ସମାଧାନ ପାଇଁ ଅନୁଦାନ ଯୋଗାଇ ଦେଇଥିଲେ । ପ୍ରଧାନଶିକ୍ଷକଙ୍କ ସହିତ ପୁରାତନ ଛାତ୍ରଛାତ୍ରୀମାନେ ସ୍କୁଲର ଆବଶ୍ୟକତାକୁ ତର୍ଜମା କରିଥିଲେ ଏବଂ କାର୍ଯ୍ୟ ତାଲିକା କରିଥିଲେ ।

ପୁରାତନ ଛାତ୍ରଛାତ୍ରୀଙ୍କ ଅନୁଦାନ ଏବଂ ସରକାରୀ ସହାୟତା ରାଶି ବ୍ୟବହାର କରି ସ୍କୁଲ୍ ଘରକୁ ରଙ୍ଗ କରାଗଲା । କବାଟ ଝରକା ମରାମତି କରିବା ସହିତ ନୂଆ ଡେସ୍କବେଞ୍ଚ ତିଆରି ହେଲା । ପାଣି ପାଇପଲାଇନ ସହିତ ଓଭରହେଡ ଟାଙ୍କି ହେଲା, ପାଣି ପମ୍ପଟିଏ ବି କିଣା ହେଲା । ଶିକ୍ଷକ ଓ ପିଲାମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଆକ୍ୱା ପ୍ୟୁରିଫାୟର ଏବଂ କୁଲ୍ ୱାଟର ସିଷ୍ଟମ ଲଗାଗଲା । ଏହା ସହିତ ସେମାନେ ସ୍କୁଲ ଲାଇବ୍ରେରୀରେ ଆଧୁନିକୀକରଣ କଲେ ଏବଂ ପିଲାମାନଙ୍କ ପାଇଁ ବହୁ ଉପାଦେୟ ପୁସ୍ତକ, ଚାର୍ଟ, ମ୍ୟାପ ଇତ୍ୟାଦି କିଣିଲେ । ଖାଲି ସେତିକି ନୁହେଁ ସ୍କୁଲର ପରୀକ୍ଷାଗାରର ଆଧୁନିକୀକରଣ କରିବା ସହ ବିଜ୍ଞାନ ପରୀକ୍ଷା ଉପକରଣ ମଧ୍ୟ କିଣାଗଲା । ବହିପତ୍ର ସାଇତି ରଖିବା ପାଇଁ ଆଲମାରୀ କିଣାଗଲା । ଏ ସମସ୍ତ କାର୍ଯ୍ୟକଳାପ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିଲା ।

ପୁରୁଣା ଛାତ୍ରଛାତ୍ରୀମାନେ ସ୍କୁଲ ପରିବେଶରେ ଭରିଦେଇଛନ୍ତି ନୂଆ ରଙ୍ଗ ଓ ନୂଆ ଉତ୍ସାହ । ଦୂର ହେଇଛି ଅନେକ ଅସୁବିଧା । ନୂଆ ନୂଆ ବହି ପତ୍ର, ନୂଆ କବାଟ ଝରକା ଓ ନୂଆ ଡେସ୍କ ସବୁଠି ନୂଆ ରଙ୍ଗର ଚମକ । ଏହା ସମ୍ଭବ ହୋଇଛି 'ମୋ ସ୍କୁଲ ଅଭିଯାନ' କାର୍ଯ୍ୟକ୍ରମ ଯୋଗୁଁ ।





'ମୋ ସ୍କୁଲ ଅଭିଯାନ'– କେତୋଟି ଫାଇଲ୍ ଚିତ୍ର

# ସରକାରୀ ଉଚ୍ଚ ବିଦ୍ୟାଳୟ, କେସିଙ୍ଗାର କାହାଣୀ







କଳାହାଣ୍ଡି ଜିଲ୍ଲାର ଏକ ଅଗ୍ରଣୀ ସ୍କୁଲ ସରକାରୀ ଉଚ୍ଚ ବିଦ୍ୟାଳୟ, କେସିଙ୍ଗା । ୧୯୫୯ ମସିହାରେ ସ୍କୁଲର ପ୍ରତିଷ୍ଠା ହୋଇଥିଲା । ପ୍ରଥମ ଶ୍ରେଣୀରୁ ଦଶମ ପର୍ଯ୍ୟନ୍ତ ବର୍ତ୍ତମାନ ସ୍କୁଲରେ ପଢ଼ୁଛନ୍ତି ୭ଶହରୁ ଅଧିକ ଛାତ୍ରଛାତ୍ରୀ ।

ସ୍କୁଲଟି ବହୁ ବର୍ଷ ଧରି ପାଠପଢ଼ା ଓ ଖେଳକୁଦ ସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଜିଲ୍ଲା ଏବଂ ଜିଲ୍ଲା ବାହାରେ ବେଶ୍ ସୁନାମ ଅର୍ଜନ କରିପାରିଛି । ଏତେ ସଫଳତା ସତ୍ତ୍ୱେ ସ୍କୁଲରେ ରହିଥିବା ବିଭିନ୍ନ ସମସ୍ୟା ସବୁବେଳେ ପ୍ରଧାନଶିକ୍ଷକ ଓ ଅନ୍ୟମାନଙ୍କୁ ଚିନ୍ତିତ କରୁଥିଲା । ଏଇଭଳି ପରିସ୍ଥିତିରେ ‘ମୋ ସ୍କୁଲ ଅଭିଯାନ’ ଆଣିଦେଲା ନୂଆ ଦିଗନ୍ତର ସମ୍ବାଦ ।

୨୦୧୭ ମସିହା ନଭେମ୍ବର ମାସ ୧୪ ତାରିଖରେ ‘ମୋ ସ୍କୁଲ ଅଭିଯାନ’ର ଶୁଭାରମ୍ଭ ହେବା ପରେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ ଏକତ୍ରିତ କରାଇ ଏ ସଂପର୍କରେ ସୂଚନା ଦେଇଥିଲେ । ଏହି ଯୋଜନାର ସୁଦୂରପ୍ରସାରୀ ଉପକାରିତା ବିଷୟରେ ବୁଝିପାରି କେସିଙ୍ଗା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ମଳୟ ଭୋଇ ସ୍କୁଲରେ ଏକ ବୈଠକର ଆୟୋଜନ କରିଲେ । ପୁରାତନ ଛାତ୍ର, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ପ୍ରସ୍ତୁତ ହେଲା ବିକାଶର ଏକ ନୂଆ ପର୍ଯ୍ୟାୟ ।

‘‘ମୋ ସ୍କୁଲ’ ଯୋଜନାରେ ସମସ୍ତଙ୍କ ସହଯୋଗ ସହିତ ଯୋଡି ହୋଇଗଲା ସରକାରଙ୍କ ଆର୍ଥିକ ସହାୟତା । ଫଳରେ ଆମେ ସ୍କୁଲର ପୁରୁଣା ସଭାଗୃହର ଉନ୍ନତିକରଣ, ଦୁଇଟି ଶ୍ରେଣୀଗୃହର ଉନ୍ନତିକରଣ, ଟେବୁଲ ଚଉକି ମରାମତି, ଖେଳପଡ଼ିଆର ଉନ୍ନତିକରଣ ଓ ଖେଳସାମଗ୍ରୀ କ୍ରୟ ତଥା ଛାତ୍ରୀମାନଙ୍କ ପାଇଁ ଟଏଲେଟ୍ ଓ ଚେଞ୍ଜିଙ୍ଗ୍ ରୁମ୍ ଆଦି କରିପାରିଲୁ,’’ କହନ୍ତି ପ୍ରଧାନଶିକ୍ଷକ ।

କେସିଙ୍ଗା ସରକାରୀ ଉଚ୍ଚବିଦ୍ୟାଳୟର ପିଲାମାନେ କ୍ରୀଡ଼ା କ୍ଷେତ୍ରରେ ବେଶ୍ ଆଗ୍ରହୀ । ସ୍କୁଲରେ ରହିଛି ଦୁଇଟି ଖେଳପଡ଼ିଆ । ସତୁରୀରୁ ଅଶୀ ଭାଗ ପିଲା କ୍ରିକେଟ, ଫୁଟବଲ୍, ଖୋଖୋ ଓ କବାଡ଼ି ଭଳି ବିଭିନ୍ନ ପ୍ରକାର ଖେଳ ପ୍ରତି ଆଗ୍ରହ ପ୍ରକାଶ କରି ସେଥିରେ ଭାଗନେଇଛନ୍ତି । ୩୦ରୁ ଅଧିକ ଛାତ୍ରଙ୍କୁ ଗତ ଦୁଇ ବର୍ଷ ଧରି ହକି ପାଇଁ କୋଚିଂ ଦିଆଯାଉଛି । ଗତବର୍ଷ ଏହି ସ୍କୁଲ ପଡ଼ିଆରେ ୧୭ ବର୍ଷରୁ କମ୍ ବୟସ ଫୁଟବଲ ବର୍ଗରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା ।

‘ମୋ ସ୍କୁଲ ଅଭିଯାନ’ ମାଧ୍ୟମରେ କେସିଙ୍ଗା ସରକାରୀ ଉଚ୍ଚବିଦ୍ୟାଳୟ ଯେଭଳି ଅନୁକୂଳ ପରିବେଶ ସୃଷ୍ଟି କରିପାରିଛି, ତାହା ବାସ୍ତବିକ ପ୍ରଶଂସାଯୋଗ୍ୟ । ଏହି ଗଠନମୂଳକ ବାତାବରଣ ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳାଇପାରିଛି ।



‘ମୋ ସ୍କୁଲ ଅଭିଯାନ’– ଏମାନେ ଆମର ଭବିଷ୍ୟତ

### ରାଜ୍ୟର ଏକ ପ୍ରାଚୀନ ଶିକ୍ଷାନୁଷ୍ଠାନ ଅନୁଗୋଳ ହାଇସ୍କୁଲ

# "ପୁରାତନ ଛାତ୍ରଙ୍କ ଯୋଜନା ଓ ସ୍ୱପ୍ନ ସତ ହେବା ଦେଖି ସେମାନେ ଖୁସି ହେଉଛନ୍ତି"



"ଆମେ ଯେତେବେଳେ 'ମୋ ସ୍କୁଲ ଅଭିଯାନ' ବାବଦରେ ଜାଣିଲୁ, ଆମର ପ୍ରଥମ ଲକ୍ଷ୍ୟ ଥିଲା କେମିତି ଅଧିକରୁ ଅଧିକ ପୁରାତନ ଛାତ୍ରଙ୍କୁ ସ୍କୁଲ ସହ ଯୋଡ଼ିବୁ । ଏଥିପାଇଁ ଆମେ କିଛି ମିଡିଆରେ ବିଜ୍ଞାପନ ଦେଲୁ । ସ୍କୁଲ ବାହାରେ ମଧ୍ୟ ବ୍ୟାନର ଲଗାଇଲୁ । ଧିରେ ଧିରେ ସ୍ଥାନୀୟ ପୁରାତନ ଛାତ୍ରମାନେ ଏ ବିଷୟରେ ଜାଣି ଆଗେଇ ଆସିଲେ । ସେମାନେ ପୁଣି ତାଙ୍କର ସାଙ୍ଗସାଥୀମାନଙ୍କୁ ଜଣାଇଲେ", 'ମୋ ସ୍କୁଲ ଅଭିଯାନ'ର ସଫଳତାର କାହାଣୀ ବର୍ଣ୍ଣନାକରି କହିଛନ୍ତି ଅନୁଗୋଳ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ନନ୍ଦ ।

ରାଜ୍ୟର ଏକ ପ୍ରାଚୀନ ଶିକ୍ଷାନୁଷ୍ଠାନ ଅନୁଗୋଳ ହାଇସ୍କୁଲ । ୧୯୨୬ ମସିହାରେ ପ୍ରତିଷ୍ଠା ହୋଇଥିଲା । ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରୁ ଏହାକୁ ଏକ ନାମକରା ସ୍କୁଲ ଭାବେ ଲୋକେ ଜାଣନ୍ତି । ତେଣୁ ଏହାର ପୁରାତନ ଛାତ୍ରମାନଙ୍କ ସଂଖ୍ୟା ଓ ସଂପର୍କ ବେଶ୍ ଲମ୍ବା । ଏବେ ଷଷ୍ଠରୁ ଦଶମ ଶ୍ରେଣୀରେ ଏଠାରେ ପଢୁଛନ୍ତି ୧୩ ଶହରୁ ଅଧିକ ଛାତ୍ରଛାତ୍ରୀ । ପିଲାଙ୍କ ସଂଖ୍ୟା ଦେଖି ମୋଟ ୧୮ଟି ସେକ୍ସନରେ ଶ୍ରେଣୀ ପରିଚାଳନା କରାଯାଉଛି ।

ପ୍ରାୟ ୮ ଏକର ଜାଗାରେ ଗଢ଼ି ଉଠିଥିବା ଶିକ୍ଷାନୁଷ୍ଠାନ ପରିସରରେ ରହିଛି ସ୍କୁଲର ହେରିଟେଜ୍ ବିଲ୍ଡିଂ, ଶ୍ରେଣୀଗୃହ, ହଷ୍ଟେଲ୍ ଓ ବିରାଟ ଖେଳପଡ଼ିଆ । ପିଲାଙ୍କ ସୁରକ୍ଷା ପାଇଁ ସ୍କୁଲ ପରିସରକୁ ଜଗିଛି ସିସିଟିଭି ।

"ପ୍ରତି ଶିକ୍ଷାନୁଷ୍ଠାନର କିଛି ନା କିଛି ଆବଶ୍ୟକତା ରହିଥାଏ । ତେବେ ମୁଖ୍ୟତଃ ପୁରାତନ ଛାତ୍ରମାନଙ୍କର ଆଗ୍ରହ ଓ ସହଯୋଗକୁ ଦେଖି ଆମେ ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ପ୍ରକଳ୍ପ ହାତକୁ ନେଇଛୁ । ସେମାନଙ୍କର ତଥା 'ମୋ ସ୍କୁଲ ଅଭିଯାନ'ର ସହଯୋଗ ବଳରେ ଆମେ ହଜାରେରୁ ବାର ଶହ ପିଲାଙ୍କ ପାଇଁ ହେଲା ଭଳି ବିଶୁଦ୍ଧ ପିଇବା ପାଣି ବ୍ୟବସ୍ଥା କରିଛୁ । ତା' ସାଙ୍ଗକୁ ଛାତ୍ରମାନଙ୍କ ପାଇଁ ସାଇକେଲ୍ ଷ୍ଟାଣ୍ଡ ମଧ୍ୟ ନିର୍ମାଣ କରାଯାଇଛି", ସୂଚନା ଦିଅନ୍ତି ପ୍ରଧାନ ଶିକ୍ଷୟିତ୍ରୀ ।

'ମୋ ସ୍କୁଲ ଅଭିଯାନ' ଅଧୀନରେ ସ୍କୁଲରେ ଗଢ଼ିଉଠିଛି ଏକ ସୁନ୍ଦର ଲାଇବ୍ରେରି ଓ ରିଡିଂରୁମ୍ । ଜଣେ ପୁରାତନ ଛାତ୍ର ସ୍ୱର୍ଗୀୟ ଗଂଗାଧର ସାହୁଙ୍କ ସ୍ମୃତିରେ ଆମେ ଏହାକୁ ଉତ୍ସର୍ଗ କରାଯାଇଛି । ତାଙ୍କର ଭାଇ, ସ୍ଥାନୀୟ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଏଥିପାଇଁ ଏକ ଲକ୍ଷ ଟଙ୍କା ସହଯୋଗ ଦେଇଥିଲେ । ତା' ସହିତ 'ମୋ ସ୍କୁଲ'ର ଦୁଇଗୁଣା ଅନୁଦାନ ଯୋଡ଼ି ହୋଇଥିଲା । ଏବେ ସେଠାରେ ୩୦ରୁ ୪୦ ଜଣ ପିଲା ବସି ପଢ଼ିପାରିବା ଭଳି ବ୍ୟବସ୍ଥା ହୋଇଛି । 'ମୋ ସ୍କୁଲ ଅଭିଯାନ'ର ଫଳ ସ୍ୱରୂପ ସ୍କୁଲରେ ପିଲାଙ୍କ ବସିବା ପାଇଁ ଦରକାର ହେଉଥିବା ବେଞ୍ଚ ଓ ଡେସ୍କ ମଧ୍ୟ ତିଆରି ହୋଇଛି ।

"ଆଉ ଗୋଟିଏ ଭଲ କଥା ହେଲା ଯେ ପୁରାତନ ଛାତ୍ରମାନେ ଏବେ ସ୍କୁଲ ସହ ସିଧାସଳଖ ଯୋଡ଼ି ହୋଇପାରିଛନ୍ତି । ସେମାନେ ସହଯୋଗ ଦେଇଥିବା କାମ କେତେ ବାଟ ଗଲା ସେ ବିଷୟରେ ନିୟମିତ ପଚାରି ବୁଝୁଛନ୍ତି । ଆମେ ମଧ୍ୟ ସେମାନଙ୍କ ସହଯୋଗକୁ ସମ୍ମାନ ଜଣାଇ ଏଠି ଗୋଟିଏ ପରଂପରା ଆରମ୍ଭ କରିଛୁ । ସେହି ପୁରାତନ ଛାତ୍ରମାନଙ୍କ ହାତରେ ପ୍ରାୟ ସବୁ ନୂଆ ପ୍ରକଳ୍ପ ଉଦ୍‌ଘାଟନ କରାଉଛୁ । ସେମାନେ ତାଙ୍କର ଯୋଜନା ଓ ସ୍ୱପ୍ନ ସତ ହେବା ଦେଖି ଖୁସି ହେଉଛନ୍ତି", କହନ୍ତି ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ନନ୍ଦ ।



'ମୋ ସ୍କୁଲ ଅଭିଯାନ'– "ପାଠ ପଢ଼ିବା, ଦେଶ ଗଢ଼ିବା''



# ସ୍ୱପ୍ନ ଓ ସହଯୋଗ ବଳରେ ଅସମ୍ଭବ ସମ୍ଭବ ହୋଇଥାଏ !

‘‘୨୦୧୫ ମସିହାରେ ମୁଁ ରୋଥ ପଞ୍ଚାୟତ ସରକାରୀ ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବରେ ଯୋଗଦେଲି । ମୋର ଇଚ୍ଛା ଥିଲା ମୁଁ ଏହାକୁ ଗୋଟିଏ ଅତି ସୁନ୍ଦର ବିଦ୍ୟାଳୟରେ ପରିଣତ କରିବି । ପାଠପଢ଼ା ସାଙ୍ଗରେ ପିଲାମାନଙ୍କର ଶାରୀରିକ ଓ ମାନସିକ ବିକାଶ ଉପରେ ମଧ୍ୟ ଧ୍ୟାନ ଦେବି । ‘ମୋ ସ୍କୁଲ ଅଭିଯାନ’ରେ ଅନ୍ତର୍ଭୁକ୍ତ ହେବା ଦ୍ୱାରା ଏବେ ସେହି ଇଚ୍ଛା ଅନେକ ମାତ୍ରାରେ ପୂରଣ ହୋଇପାରିଛି,’’ କହିଛନ୍ତି ବଲାଙ୍ଗିର ଜିଲ୍ଲା ଆଗଲପୁର (ଡୁଡୁକା) ବ୍ଲକ୍ ଅଧୀନରେ ଥିବା ରୋଥ ପଞ୍ଚାୟତ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଚମାର ଚୌହାନ ।

ରୋଥ ପଞ୍ଚାୟତ ସରକାରୀ ହାଇସ୍କୁଲରେ ଛାତ୍ରଛାତ୍ରୀ ସଂଖ୍ୟା ପାଞ୍ଚଶହରୁ ଅଧିକ । ଦିନେ ସ୍କୁଲର ଭିତ୍ତିଭୂମିରେ ବହୁ ରକମର ସମସ୍ୟା ରହିଥିଲା । ୨୦୧୯ ବାତ୍ୟାରେ ସ୍କୁଲ ଘରର ଛାତ ଉଡ଼ିଯାଇଥିଲା । ସ୍କୁଲର ପୁରୁଣା ବେଞ୍ଚ, ଟେବୁଲ ଭାଙ୍ଗିରୁଜି ଯାଇଥିଲା । ପ୍ରଧାନଶିକ୍ଷକଙ୍କ ଉଦ୍ୟମ ଏବଂ ଅନ୍ୟମାନଙ୍କ ସହଯୋଗ ଫଳରେ ଏହିସବୁ ସମସ୍ୟା ଧୀରେ ଧୀରେ ଦୂର ହୋଇପାରିଛି ।

ପ୍ରଧାନଶିକ୍ଷକ କହନ୍ତି, ‘‘ସ୍ଥାନୀୟ ସରପଞ୍ଚ ଏବଂ ପ୍ରଶାସନ ସବୁବେଳେ ଆମକୁ ସାହାଯ୍ୟ କରିଆସିଛନ୍ତି । ଆଗରୁ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ତଳେ ବସୁଥିଲେ । ହେଲେ ସେତେବେଳେ ଚଉବନ ଯୋଡ଼ା ବେଞ୍ଚଓ ଡେସ୍କ ଆମକୁ ମିଳିଲା । ତା’ ସାଙ୍ଗକୁ ଛାତର ମରାମତି ମଧ୍ୟ ହୋଇପାରିଲା । ଫଳରେ ୧୯୬୭ ମସିହାର ଏହି ସ୍କୁଲର ଚେହେରା ବଦଳିଗଲା’’ ।



‘ମୋ ସ୍କୁଲ ଅଭିଯାନ’ ଅଧୀନରେ ପୁରାତନ ଛାତ୍ରମାନଙ୍କଠାରୁ ପ୍ରଥମେ ଆସିଥିଲା ପାଞ୍ଚଲକ୍ଷ ଟଙ୍କା । ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୨ ଲକ୍ଷ ଟଙ୍କା ସଂଗ୍ରହ ହେଲା । ତା’ ସାଙ୍ଗକୁ ସରକାର ଆଉ ୨ ଗୁଣା ଅନୁଦାନ ଯୋଗାଇ ଦେଇଛନ୍ତି । ଏହି ଅର୍ଥରେ ୩୦X୪୦ ଫୁଟ ବିଶିଷ୍ଟ ଏକ ବଡ଼ ଛାତ ଘର ତିଆରି ହୋଇଛି । ଏବେ ସେଥିରେ ଶ୍ରେଣୀଗୃହ ଚାଲିଛି । ପୁଣି ଛାତ୍ରଛାତ୍ରୀଙ୍କ ପାଇଁ ଟଏଲେଟ କମ୍ପ୍ଲେକ୍ସ ଏବଂ ସ୍କୁଲ ପରିସରରେ ମଧ୍ୟ ଏକ ସୁନ୍ଦର ବଗିଚା ହୋଇପାରିଛି ।

ଅବଶିଷ୍ଟ ଅର୍ଥରେ ଏକ ଆଧୁନିକ ବିଜ୍ଞାନଗାର ନିର୍ମାଣ, ଛାତ୍ରଛାତ୍ରୀଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ ତଥା ସ୍କୁଲ ପରିସରରେ ରହିଥିବା ସାଂସ୍କୃତିକ ପେଣ୍ଡାଲର ଉନ୍ନତିକରଣ କରାଯିବ ବୋଲି ପ୍ରଧାନଶିକ୍ଷକ ଜଣାଇଛନ୍ତି ।

ପାଠପଢ଼ାରେ ମଧ୍ୟ ସ୍କୁଲର ସୁନାମ ରହିଛି । ପିଲାମାନେ ପ୍ରତିବର୍ଷ ବିଭିନ୍ନ ପ୍ରକାର ବୃତ୍ତି ପାଉଛନ୍ତି । ଉତ୍ତମ ଶିକ୍ଷା ଓ ଉନ୍ନତ ଭିତ୍ତିଭୂମି ପୁରାତନ ଛାତ୍ରଛାତ୍ରୀମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିଛି । ଚଳିତବର୍ଷ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ସ୍କୁଲର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏବେ ସେମାନେ ଅଭିଭାବକ ଓ ସ୍ଥାନୀୟ ଲୋକମାନଙ୍କ ସହିତ ଏକାଠି ହୋଇ ବିଭିନ୍ନ ଯୋଜନା ଆରମ୍ଭ କରି ଦେଇଛନ୍ତି ।

କହିବା ବାହୁଲ୍ୟ, ରୋଥ ପଞ୍ଚାୟତ ସରକାରୀ ହାଇସ୍କୁଲ ‘ମୋ ସ୍କୁଲ ଅଭିଯାନ’ର ଏକ ସଫଳ ଉଦାହରଣ ।

# କେତୋଟି ସାଧାରଣ ପ୍ରଶ୍ନ

### ମୁଁ କିପରି ଯୋଗଦାନ କରିବି ?

ଏହି ଅଭିଯାନରେ ସହଯୋଗ କରିବା ପାଇଁ ପୁରାତନ ଛାତ୍ର ସଂସଦ ପଞ୍ଜୀକରଣ ହେବା ବାଧ୍ୟତାମୂଳକ ନୁହେଁ । ତେଣୁ ଜଣେ ପୁରାତନ ଛାତ୍ର ବା ଛାତ୍ରୀ ଚାହିଁଲେ ଏକକ ଭାବେ କିମ୍ବା ଏକାଧିକ ପୁରାତନ ଛାତ୍ରଛାତ୍ରୀ ଏକାଠି ହୋଇ 'ମୋ ସ୍କୁଲ' ଅଧୀନରେ ନିଜ ଇଚ୍ଛା ମୁତାବକ ଦାନ କରିପାରିବେ ଏବଂ ତାକୁ ନେଇ ଗୋଟିଏ ସ୍କୁଲ ପ୍ରକଳ୍ପ ଆରମ୍ଭ କରିପାରିବେ ।

### କିଭଳି ଅର୍ଥ ଦାନ କରିବି ?

ଏହି ଅଭିଯାନରେ ନଗଦ ଅର୍ଥ ଦାନ କରି ହେବ ନାହିଁ । ଚେକ୍, ବ୍ୟାଙ୍କ ଟ୍ରାନ୍ସଫର ବା ପେମେଣ୍ଟ୍ ଗେଟୱେ ମାଧ୍ୟମରେ ଅନଲାଇନରେ ଦାନ କରିହେବ । ବନ୍ଧୁ କିମ୍ବା ପରିବାର ସଦସ୍ୟଙ୍କ ତରଫରୁ ମଧ୍ୟ ଦାନ ଦେଇପାରିବେ । ତେବେ ବିଦେଶୀ ମୁଦ୍ରା ଦାନ କରିପାରିବେ ନାହିଁ ।

ଆପଣଙ୍କ ଆର୍ଥିକ ଯୋଗଦାନ ସହିତ ରାଜ୍ୟ ସରକାରଙ୍କର ୨ଗୁଣ ଯୋଗଦାନ ରହିବ । ଉଦାହରଣ ସ୍ୱରୂପ, ଆପଣ ଯଦି ୧ ଲକ୍ଷ ଟଙ୍କା ଦିଅନ୍ତି, ତା'ହେଲେ ସରକାର ୨ ଲକ୍ଷ ଟଙ୍କା ଦେବେ । ଅର୍ଥାତ୍, ଆପଣଙ୍କ ଯୋଗଦାନ ବାସ୍ତବରେ ୩ ଲକ୍ଷ ଟଙ୍କା ହେବ ।

### ମୋ ଆର୍ଥିକ ଯୋଗଦାନ ପାଇଁ ଟିକସ ରିହାତି ମିଳିବ କି ?

ଦାନ ରାଶି ପାଇଁ 'ମୋ ସ୍କୁଲ' ଆପଣଙ୍କୁ ୮୦-ଜି ସାର୍ଟିଫିକେଟ୍ ଦେବ, ଯାହାଦ୍ୱାରା ଆପଣ ଆୟକର ସୁବିଧା ନେଇପାରିବେ ।

### ମୁଁ ସାମଗ୍ରୀ ଆକାରରେ ଦାନ ଦେଇପାରିବି କି ?

ହଁ । ଆପଣ ସାମଗ୍ରୀ ଆକାରରେ ମଧ୍ୟ ଦାନ ଦେଇପାରିବେ । କିନ୍ତୁ ସାମଗ୍ରୀ ଦାନ ପାଇଁ 'ମୋ ସ୍କୁଲ' ପକ୍ଷରୁ କୌଣସି ଦାନ ଦିଆଯିବ ନାହିଁ । ତେବେ ବ୍ୟବହୃତ ହୋଇଥିବା ସାମଗ୍ରୀ ବିଦ୍ୟାଳୟକୁ ଦେବା ପାଇଁ 'ମୋ ସ୍କୁଲ' ନିରୁତ୍ସାହିତ କରିଥାଏ । ଆପଣ ଯାହା ଦାନ କରୁଛନ୍ତି ପରେ ପୁଣି ତାହାର ମାଲିକାନା ବା ବ୍ୟବହାର ଦାବି କରିପାରିବେ ନାହିଁ

### ଅର୍ଥ ଦାନ ବ୍ୟତୀତ ବିଦ୍ୟାଳୟକୁ ମୁଁ କିଭଳି ସାହାଯ୍ୟ କରିପାରିବି ?

ଆପଣ ଇଚ୍ଛା କଲେ ଜ୍ଞାନ ପ୍ରଦାନରେ ସାହାଯ୍ୟ କରିପାରିବେ । ଆପଣ ଗୋଟିଏ ବିଦ୍ୟାଳୟରେ ଜୈବ ବିବିଧତା ଉଦ୍ୟାନଟିଏ, ପନିପରିବା ବଗିଚାଟିଏ, ସ୍କୁଲ କ୍ୟାବିନେଟ୍ (ବାଳ ସଂସଦ)ଟିଏ, କିମ୍ବା ସାହିତ୍ୟ, ସିନେମା ବା ସନ୍ଧାନୀ କ୍ଲବଟିଏ ଗଠନ କରିପାରିବେ ।

### କିପରି ଯୋଗାଯୋଗ କରିବି ?

'ମୋ ସ୍କୁଲ' ଟିମ୍ ସହିତ reachout@moschool.in ଇମେଲ୍ ମାଧ୍ୟମରେ ଆପଣ ସିଧାସଳଖ ଯୋଗାଯୋଗ କରିପାରିବେ । ତା' ଛଡ଼ା ମୋ ସ୍କୁଲ ଅଧିକାରୀଙ୍କ ସହିତ ଟେଲିଫୋନ କିମ୍ବା ଇ-ମେଲ୍ ମାଧ୍ୟମରେ ମଧ୍ୟ ଆପଣମାନେ ଯୋଗାଯୋଗ କରିପାରିବେ ।

---

## ଆପଣ 'ମୋ ସ୍କୁଲ' ସହିତ କେମିତି ସହଯୋଗ କରିପାରିବେ ?

- ହଷ୍ଟେଲ, ପାଠାଗାର, ବିଜ୍ଞାନାଗାର, ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଇଣ୍ଟରନେଟ୍, ଶ୍ରେଣୀଗୃହ, ଆସବାବପତ୍ର, ଶୌଚାଳୟ, ନିର୍ମଳ ପାନୀୟ ଜଳ, ପାଚେରି, ହ୍ୱିଲ ଚେୟାର ଇତ୍ୟାଦି ପାଇଁ ପାଣ୍ଠି ଦେଇପାରିବେ ।
- ଶିକ୍ଷାଦାନ ପରିବେଶକୁ ମାନବିକ ଓ ପ୍ରଯୁକ୍ତିଗତ ଉଦ୍ୟମ ମାଧ୍ୟମରେ ଆହୁରି ଉନ୍ନତ କରିପାରିବେ ।
- କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ କୋଚିଂ ସହାୟତା ପ୍ରଦାନ କରିପାରିବେ ।
- ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା, ଡାକ୍ତର ଓ ପରାମର୍ଶଦାତାଙ୍କ ପରିଦର୍ଶନ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ନିଶ୍ଚିତ କରାଇପାରିବେ ।
- ବିଶେଷଜ୍ଞ ଓ ସଂସ୍ଥାମାନଙ୍କ ସହାୟତା ନେଇ ବହୁମୁଖୀ ଶିକ୍ଷାଦାନ ବିଷୟବସ୍ତୁ ପ୍ରସ୍ତୁତ କରାଇ ପାରିବେ ।
- ଅଭିନବ ତାଲିମ କାର୍ଯ୍ୟକ୍ରମ, କର୍ମଶାଳା ଆଦି ଆୟୋଜନ କରି ଶିକ୍ଷକମାନଙ୍କୁ ଉତ୍ସାହିତ କରିପାରିବେ ଏବଂ ସେମାନଙ୍କ ଅନୁପସ୍ଥିତିଜନିତ ସମସ୍ୟାର ସମାଧାନ କରିପାରିବେ ।
- ଶିକ୍ଷଣୀୟ ଭ୍ରମଣ, ଆଦାନପ୍ରଦାନ କାର୍ଯ୍ୟକ୍ରମ, ଜାତୀୟ ସ୍ତରର କ୍ରୀଡ଼ା, ସାହିତ୍ୟ ଓ ସାଂସ୍କୃତିକ ଆଦି କାର୍ଯ୍ୟକ୍ରମରେ ଯୋଗଦେବାକୁ ପ୍ରୋତ୍ସାହିତ କରିପାରିବେ ।
- ପିଲାମାନଙ୍କ ମଧ୍ୟରେ ନିଜ କାମ ନିଜେ କରି ସ୍ୱାବଲମ୍ବୀ ହେବା ସଂସ୍କୃତିର ପ୍ରସାର କରାଇପାରିବେ ।
- ପ୍ରତି ସ୍କୁଲରେ ବଗିଚାଟିଏ ଆରମ୍ଭ କରିବା ପାଇଁ ଏବଂ ସେଠାରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ମିଶି ଗଛ ଲଗାଇବା ପାଇଁ ପ୍ରେରଣା ଦେଇପାରିବେ ।

### ଯୋଗାଯୋଗ:


ମୋ ସ୍କୁଲ ପରିଚାଳନା ସଂଗଠନ
ତୋଷାଳୀ ଭବନ, ଏ-୧ ବ୍ଲକ
୬ଷ୍ଠ ମହଲା, ସତ୍ୟ ନଗର
ଭୁବନେଶ୍ୱର - ୭୫୧୦୦୭ (ଓଡ଼ିଶା)
reachout@moschool.in

ପ୍ରତିଭା ଦୋରା
ଅଫିସର ଅନ ସ୍ପେଶାଲ ଡ୍ୟୁଟି, ମୋ ସ୍କୁଲ
+୯୧ ୯୪୩୭୨୧୯୩୦୩
pratibha@moschool.in

ଅମରଜିତ ଜେନା
ଚିଫ୍ ଅପରେଟିଂ ଅଫିସର
+୯୧ ୯୯୩୭୦୮୨୩୪୯
amarjit@moschool.in



Content, Design & Layout : OL Digital (OdishaLIVE)